# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**25 April - 2024**

**News Editor *: Tapan Kumar Moharana***

**********************************

# ନାମାଙ୍କନପତ୍ର ଦାଖଲ ଶେଷ ଦିନ

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲର ଆଜି ଶେଷ ଦିନ । ମିଳିଥିବା ସୂଚନା ଅନୁସାରେ ଗତକାଲି ସୁଦ୍ଧା ପ୍ରଥମ ପର୍ଯ୍ୟାୟରେ ଚାରୋଟି ଲୋକସଭା କ୍ଷେତ୍ର ପାଇଁ ମୋଟ ୨୩ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।  ଅନ୍ୟପକ୍ଷରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ଆସନ୍ତାକାଲି ଠାରୁ ମଇ ମାସ ୩ତାରିଖ ପର୍ଯ୍ୟନ୍ତ ନାମାଙ୍କନ ଦାଖଲ କରାଯିବ । ଏହି ପର୍ଯ୍ୟାୟରେ ବରଗଡ, ସୁନ୍ଦରଗଡ, ବଲାଙ୍ଗୀର, କନ୍ଧମାଳ ଏବଂ ଆସ୍କା ସଂସଦୀୟ କ୍ଷେତ୍ରରେ ଭୋଟ ନିଆଯିବ ।

# ସୁପ୍ରିମକୋର୍ଟ

ନିର୍ବାଚନରେ ଇଭିଏମ୍ ଭୋଟିଂ ମେସିନର କାର୍ଯ୍ୟକାରିତା ସନ୍ଦେହକୁ ନେଇ ନିର୍ବାଚନକୁ ନିୟନ୍ତ୍ରଣ କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ବିଚାରପତି ଜଷ୍ଟିସ ଦିପଙ୍କର ଦତ୍ତଙ୍କ ଖଣ୍ଡପୀଠ ଗତକାଲି ଇଭିଏମ୍ ଏବଂ ଭିଭିପାଟ ସମ୍ବନ୍ଧୀୟ ମାମଲାଗୁଡିକର ବିଚାରକରି ରାୟ ସଂରକ୍ଷିତ ରଖିଛନ୍ତି । ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ କହିଛନ୍ତି ଯେ, ଇଭିଏମ୍‌ର ଭୋଟକୁ ଭିଭିପାଟ୍ ସ୍ଲିପ୍ ସହ ଶତ

ପ୍ରତିଶତ ଯାଞ୍ଚ କରିବା ପାଇଁ ସାମ୍ବିଧାନିକ ସଂସ୍ଥା ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇପାରିବେ ନାହିଁ ।

## ଅମିତ୍ ଶାହାଙ୍କ ଓଡିଶା ଗସ୍ତ

ବରିଷ୍ଠ ବିଜେପି ନେତା ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଜି ଓଡ଼ିଶା ଗସ୍ତରେ ଆସି ସୋନପୁରର ରାମେଶ୍ୱର ଷ୍ଟାଡିୟମଠାରେ  ଏକ ନିର୍ବାଚନୀ ସଭାରେ ଯୋଗଦେବେ । ସୁବର୍ଣ୍ଣପୁର ଗସ୍ତ ଶେଷ କରି ଶ୍ରୀ ଶାହା ଭୁବନେଶ୍ୱରରେ ପହଞ୍ଚିବେ ଏବଂ ସେଠାରେ ଦଳୀୟ ନେତୃବୃନ୍ଦଙ୍କ ସହ ନିର୍ବାଚନ ସ୍ଥିତି ନେଇ ଆଲୋଚନା କରିବେ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି ।

# ପ୍ରବର୍ତ୍ତନ ସଂସ୍ଥା ନିର୍ବାଚନ ବୈଠକ

ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ, ମୁକ୍ତ ଓ ଅବାଧ କରିବା ପାଇଁ ପ୍ରବର୍ତ୍ତନ ସଂସ୍ଥାଗୁଡିକର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀଧଳ କହିଛନ୍ତି । ଭୁବନେଶ୍ୱରଠାରେ ଆୟୋଜିତ ପ୍ରବର୍ତ୍ତନ ସଂସ୍ଥାମାନଙ୍କର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେଇ ଶ୍ରୀ ଧଳ କହିଛନ୍ତି, ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ଅନୈତିକ ଉପାୟରେ ବ୍ୟବହୃତ ହେଉଥିବା ଟଙ୍କା, ମାଦକ ଦ୍ରବ୍ୟ,ଉପହାର ଆଦି ସାମଗ୍ରୀକୁ ରୋକିବା ପାଇଁ ପ୍ରବର୍ତ୍ତନ ସଂସ୍ଥାଗୁଡିକର ସକ୍ରିୟ ଭୂମିକା ରହିଛି । ବୈଠକରୁ ମିଳିଥିବା ସୂଚନା ଅନୁସାରେ ଚଳିତବର୍ଷ ମାର୍ଚ୍ଚ ମାସ ୧

ତାରିଖରୁ ଏପ୍ରିଲ ମାସ ୨୨ତାରିଖ ସୁଦ୍ଧା ପ୍ରାୟ ୧୩୭ କୋଟି ଟଙ୍କାର ସାମଗ୍ରୀ ଜବତ ହୋଇଛି ।

## ରେଳଯାତ୍ରା-କନ୍‌ଫର୍ମ ଟିକେଟ

ଆସନ୍ତା ୫ବର୍ଷ ମଧ୍ୟରେ ସମସ୍ତ ରେଳଯାତ୍ରୀଙ୍କୁ କନଫର୍ମ ଟିକେଟ ମିଳିବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଆସନ୍ତା ୫ବର୍ଷରେ ରେଳପଥର କ୍ଷମତା ବୃଦ୍ଧି ସହିତ ଯାତ୍ରୀ ସୁବିଧାର ସମ୍ପ୍ରସାରଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି । ସେ କହିଛନ୍ତି ଯେ ଗତ ୧୦ବର୍ଷ ମଧ୍ୟରେ ୩୧ହଜାର କିଲୋମିଟର ନୂଆ ରେଳଲାଇନ ନିର୍ମାଣ କରାଯାଇଛି । ସେହିଭଳି ଏହି ସମୟ ମଧ୍ୟରେ ୪୪ହଜାର କିଲୋମିଟର ରେଳପଥକୁ ବିଦ୍ୟୁତକରଣ କରାଯାଇଛି ।

## ସ୍ପିଡ୍ ଟ୍ରାଏଲ୍

ରେଳବାଇ ନିରାପତ୍ତା ଆୟୁକ୍ତ ବ୍ରିଜେଶ କୁମାର ମିଶ୍ର ଆଜି ଲାଞ୍ଜିଗଡ଼ ରୋଡ୍-ଆମ୍ବାଦଳ-ଦୋଇକାଲୁ ମଧ୍ୟରେ ତୃତୀୟ ରେଳଲାଇନ୍ କାର୍ଯ୍ୟ ନିରୀକ୍ଷଣ କରିବେ । ଆସନ୍ତାକାଲି  ସକାଳ ୮ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ଦୋଇକାଲରୁ ଲାଞ୍ଜିଗଡ଼ ରୋଡ୍ ସେକ୍ସନ୍ ମଧ୍ୟରେ ସ୍ପିଡ୍ ଟ୍ରାଏଲ୍ କରାଯିବ ବୋଲି ରେଳବାଇ ସୂତ୍ରରୁ ସୂଚନା ମିଳିଛି

## ଗ୍ରୀଷ୍ମଛୁଟି

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆଜିଠାରୁ ରାଜ୍ୟର  ସ୍କୁଲ ଗୁଡିକରେ ଗ୍ରୀଷ୍ମଛୁଟି ଆରମ୍ଭ ହୋଇଛି। ଛୁଟି ସମୟରେ ସମସ୍ତ ସରକାରୀ ଓ

ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଶିକ୍ଷା ତଥା ଶୈକ୍ଷିକ କାର୍ଯ୍ୟକ୍ରମ ନିମନ୍ତେ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିଚାଳନା କରାଯିବ । ବର୍ତ୍ତମାନ ସ୍କୁଲରେ ନାମଲେଖା ଚାଲିଛି । ଏହି ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ସକାଳ ସାଢେ ୬ଟାରୁ ସାଢେ ୧୦ଟା ପର୍ଯ୍ୟନ୍ତ ସ୍କୁଲ ଅଫିସ ଖୋଲା ରହିବ ।

## ଶ୍ରୀମନ୍ଦିର ନୀତିକ୍ରାନ୍ତି ବୈଠକ

ପୁରୀ ଶ୍ରୀମନ୍ଦିରର ଶ୍ରୀଜୀଉମାନଙ୍କର ଚନ୍ଦନଯାତ୍ରାକୁ ଶୃଙ୍ଖଳିତ ଭାବେ ପାଳନ କରିବା ନିମନ୍ତେ ଗତକାଲି ଛତିଶାନିଯୋଗ ବୈଠକରେ ସ୍ଥିର କରାଯାଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚନ୍ଦନଯାତ୍ରା ସମୟରେ ଶ୍ରୀମନ୍ଦିର ଖୋଲିବା ଠାରୁ ଆରମ୍ଭ କରି ଠାକୁରମାନଙ୍କର ଚାପ ଖେଳ ଏବଂ ଅନ୍ୟ ନୀତିଗୁଡିକ ଠିକ୍ ଭାବେ ପାଳନ କରିବା ନେଇ ଆଲୋଚନା ହୋଇଥିଲା । ମଇ ମାସ  ୧୦ତାରିଖ ଅକ୍ଷୟ ତୃତୀୟା ଦିନ ଶ୍ରୀମନ୍ଦିରରୁ ଆଜ୍ଞାମାଳ ରଥ ନିକଟକୁ ଅପରାହ୍ଣ ୪ଟାରେ ପହଞ୍ଚିବ ଏବଂ ୨୯ତାରିଖ ଦିନ ଭଉଁରୀ ଯାତ୍ରା ଅନୁଷ୍ଠିତ ହେବ ।

## ଯୁକ୍ତ ଦୁଇ ପରୀକ୍ଷା ଖାତା ଦେଖା

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷାର ଅନଲାଇନ ଖାତା ଦେଖା ଶେଷ ହୋଇଛି । ଅଫ୍‌ଲାଇନ ଖାତା ଦେଖା ଆଜି ସୁଦ୍ଧା ଶେଷ ହେବ ବୋଲି ପରିଷଦ ପକ୍ଷରୁ ସୂଚନା ମିଳିଛି ।

# ବିଶ୍ୱ ମ୍ୟାଲେରିଆ ଦିବସ

ଅଧିକ ନ୍ୟାୟ ସମ୍ପନ୍ନ ବିଶ୍ୱ ପାଇଁ ମ୍ୟାଲେରିଆ ବିରୋଧରେ ଲଢେଇକୁ ତ୍ୱରାନ୍ୱିତ କରିବାର ବାର୍ତ୍ତା ନେଇ ଆଜି ବିଶ୍ୱ ମ୍ୟାଲେରିଆ ଦିବସ ପାଳନ କରାଯାଉଛି । ୨୦୦୮ ମସିହାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆଜିର ଦିନକୁ ମ୍ୟାଲେରିଆର ଭୟାବହତାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ନେଇ ଏହି ଦିବସ ପାଳନ କରାଯାଉଛି । ପୃଥିବୀରେ ମ୍ୟାଲେରିଆ ଏକ ଚିନ୍ତାଜନକ ସ୍ୱାସ୍ଥ୍ୟ ସମସ୍ୟା । ମାଈ ଏନୋଫିଲିସ ମଶା କାମୁଡିବା ଦ୍ୱାରା ସାଧାରଣତଃଭାବେ ମ୍ୟାଲେରିଆ ଜ୍ୱର ହୋଇଥାଏ । ମ୍ୟାଲେରିଆ ଜ୍ୱର ସାଧାରଣତଃ ବର୍ଷାଋତୁରେ ହୋଇଥାଏ ।  ଏକ ତଥ୍ୟ ଅନୁସାରେ ବିଶ୍ୱରେ ଦୁଇବର୍ଷ ପୂର୍ବେ ୬ଲକ୍ଷ ୮ହଜାର ଜଣଙ୍କର ମୃତ୍ୟୁ ହୋଇଥିଲା । ଭାରତର ରାଜ୍ୟମାନଙ୍କ ଭିତରେ ଓଡିଶାରେ ସର୍ବାଧିକ ମ୍ୟାଲେରିଆ ରୋଗୀ ଦେଖାଦେଇଥାଆନ୍ତି । ଗତବର୍ଷ ମ୍ୟାଲେରିଆ ଜ୍ୱରରେ ଦେଶରେ ପ୍ରାୟ ୩୪ଲକ୍ଷ ରୋଗୀ ଆକ୍ରାନ୍ତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ସାଢେ ୫ହଜାର  ରୋଗୀଙ୍କର ମୃତ୍ୟୁ ହୋଇଥିଲା । ଗତବର୍ଷ ଓଡିଶାରେ ୪୨ହଜାର  ଲୋକ ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ହୋଇଥିବା ସରକାରୀ ସୂତ୍ରରୁ ଜଣାପଡିଛି । ୨୦୩୦ ମସିହା ସୁଦ୍ଧା ଦେଶକୁ ସମ୍ପୂର୍ଣ୍ଣ  ମ୍ୟାଲେରିଆ ମୁକ୍ତ କରିବା ପାଇଁ 'ଦମନ' - ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ ସରକାରୀ ସ୍ତରରେ ଜାରି ରହିଛି ।

# ପାଣିପାଗ

ପାଣିପାଗ ବିଭାଗର ସୂଚନା ଅନୁସାରେ ଚଳିତମାସ ଶେଷ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ଜାରି ରହିବ । ବିଶେଷକରି ଶନିବାର ଏବଂ ରବିବାର ଦିନ ଅତ୍ୟଧିକ ତାତି ଅନୁଭୂତ ହେବ । ଗତକାଲି ରାଜ୍ୟର ୨୪ଟି ସହରର ଦିନର ତାପମାତ୍ରା ୪୦ଡିଗ୍ରୀରୁ ଅଧିକ ଥିଲା । ଭୁବନେଶ୍ୱର ଏବଂ ନୂଆପଡାରେ ସର୍ବାଧିକ ତାପମାତ୍ରା ୪୩ ଦଶମିକ ୨ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା ।

ଅନ୍ୟପକ୍ଷରେ ଗଞ୍ଜାମ ଜିଲ୍ଲାର ଉପକୂଳବର୍ତ୍ତୀ ଅଞ୍ଚଳଗୁଡିକରେ ସାମାନ୍ୟ ବର୍ଷା ଏବଂ ପୁରୁଷୋତ୍ତମପୁର ଅଞ୍ଚଳରେ କାଳବୈଶାଖୀ ଯୋଗୁଁ କ୍ଷୟକ୍ଷତି ହୋଇଥିବା ସୂଚନା ମିଳିଛି ।